# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 March - 2025

********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ତିନି ମାସ ମଧ୍ୟରେ ଭୂମି ନୀତି - ୟୁନିଫର୍ମ ଲ୍ୟାଣ୍ଡ ପ୍ରଣୟନ କରାଯିବ ବୋଲି ସୂଚନା ଦେଲେ ଆଇନମନ୍ତ୍ରୀ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଆକାଶବାଣୀର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ କରିବେ ସମ୍ବୋଧନ

- ସ୍ୱାଧୀନତା ସଂଗ୍ରାମୀ ସହିଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଆଜି ପାଳିତ

ଏବଂ

- ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି; ହିଟ୍‌ୱେଭ୍ ଓ ଗୁଳୁଗୁଳି ନେଇ ୧୭ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା

*HS*

## ବିଧାନସଭା-୧

ରାଜ୍ୟରେ ତିନିମାସ ମଧ୍ୟରେ ନୂଆ 'ସମାନ ଭୂମି ନୀତି' – ୟୁନିଫର୍ମ ଲ୍ୟାଣ୍ଡ ପଲିସି ପ୍ରଣୟନ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ କହିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷ ମଧ୍ୟରେ ସମାଧାନ କରାଯିବ। ଜଗନ୍ନାଥ ଜମି ଦଖଲରେ ଥିବା ଲୋକମାନଙ୍କୁ ଭୂମି ବନ୍ଦୋବସ୍ତ କରାଯିବ। ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଦଖଲ କରି ଭୋଗ କରୁଥିଲେ ସେମାନଙ୍କୁ ୧୦୦ ଡିସିମିଲ ଜାଗା ରିହାତି ଦରରେ ସରକାର ଯୋଗାଇ ଦେବେ। ଅନ୍ୟ ଜମି ଉପରେ ଅର୍ଥ ଆଦାୟ କରାଯିବ। ୨୪ଟି ଜିଲ୍ଲାରେ ୬୦ ହଜାରରୁ ଊର୍ଦ୍ଧ୍ୱ ଏକର ଜଗନ୍ନାଥଙ୍କ ଜମି ରହିଛି। ୩୮ ହଜାର ୬୧ ଏକର ଜମିର ସଂଶୋଧିତ ସ୍ୱତ୍ୱଲିପି ରହିଛି। ଏହାବ୍ୟତୀତ ୬ଟି ରାଜ୍ୟରେ ୩୯୫ରୁ ଊର୍ଦ୍ଧ୍ୱ ଏକର ଜଗନ୍ନାଥଙ୍କ ଜମି ରହିଥିବା ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

*HS*

## ବିଧାନସଭା-୨

କଏଦୀମାନଙ୍କ ପିଲାଙ୍କ ପାଠପଢ଼ା ପାଇଁ ମହିଳା ଶିଶୁ ବିକାଶ ବିଭାଗରେ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ରହିଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ବିଧାନସଭାରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ୩୩୮ ଜଣ କଏଦୀଙ୍କ ପିଲାଙ୍କୁ ଚିହ୍ନଟ

କରାଯାଇ ୨୪୦ ଜଣଙ୍କୁ ଶିଶୁଯତ୍ନ କେନ୍ଦ୍ରରେ ରଖାଯାଇଛି। ଅନ୍ୟ ୧୪୩ ଜଣଙ୍କୁ ପରିବାର ସମ୍ପର୍କୀୟଙ୍କ ପାଖରେ ରଖି ଶିକ୍ଷା ପାଇଁ ଖର୍ଚ୍ଚ ଯୋଗାଇ ଦିଆଯାଉଛି। ୬ ବର୍ଷରୁ ପିଲାଙ୍କୁ ନିକଟସ୍ଥ ଅଙ୍ଗନବାଡ଼ିରେ ନାମଲେଖା ଯାଇ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଦିଆଯାଉଛି। ୬ରୁ ୧୮ ବର୍ଷ ପିଲାମାନଙ୍କୁ ମିଶନ ବାତ୍ସଲ୍ୟ ଯୋଜନା ଜରିଆରେ ଶିକ୍ଷା ଯୋଗାଇ ଦେବା ସହ କୋଚିଂ ସେଣ୍ଟରକୁ ମଧ୍ୟ ପଠାଇବା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି।

***Assembly***

## ବିଧାନସଭା-୩

ରାଜଧାନୀ ଭୁବନେଶ୍ୱରରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ବିକଳ୍ପ ରାସ୍ତା ନିର୍ମାଣ ସହ ୬୪ କିଲୋମିଟର ଆଭ୍ୟନ୍ତରୀଣ ରିଙ୍ଗରୋଡ୍ ନିର୍ମାଣ କରାଯିବ ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ବିଧାନସଭାରେ କହିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ୧୪୨ କିଲୋମିଟର ବାହ୍ୟ ରିଙ୍ଗରୋଡ୍ ନିର୍ମାଣ କରାଯିବ। ଏଥିପାଇଁ ୧୩ ହଜାର ୬୨୮ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏଥିସହ ରାଜ୍ୟର ସବୁ ପ୍ରମୁଖ ସହରରେ ଟ୍ରାଫିକକୁ ସୁବ୍ୟବସ୍ଥିତ କରାଯିବା ସହ ରିଙ୍ଗରୋଡ୍ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

*Desk*

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୨୦ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱ୍ୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

*Puri*

## ଦିଲ୍ଲୀ ମୁଖ୍ୟମନ୍ତ୍ରୀ- ଶ୍ରୀମନ୍ଦିର

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଆଜି ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ସକାଳେ ସିଂହଦ୍ୱାର ନିକଟରେ ପହଁଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମତୀ ଗୁପ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ସେ ପ୍ରଥମଥର ପାଇଁ ପୁରୀ ଆସି

ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଦିଲ୍ଲୀରେ ରହୁଥିବା ଓଡ଼ିଆମାନଙ୍କ ପ୍ରତି ଦିଲ୍ଲୀ ସରକାରଙ୍କ ଦାୟିତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମତବ୍ୟକ୍ତ କରିଥିଲେ।

***BBSR/R/Nabarangpur/Rayagada***

## ଲକ୍ଷ୍ମଣ ନାୟକ ଶ୍ରାଦ୍ଧଦିବସ

ମହାନ ସ୍ୱାଧୀନତା ସଂଗ୍ରାମୀ ସହିଦ୍ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ ଆଜି ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ରୂପୁ ଭତ୍ତ୍ରା, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ପ୍ରମୁଖ ଯୋଗଦେଇ ସହିଦ୍‌ଙ୍କ ସ୍ମୃତିଚାରଣ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ମହାନ ଜନଜାତି ନାୟକ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସହିଦଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମ ରାଜ୍ୟବାସୀଙ୍କ ମନରେ ଅମର ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାୟଗଡ଼ା ଜିଲ୍ଲାସ୍ତରୀୟ ସହିଦ ଲକ୍ଷ୍ମଣ ନାୟକଙ୍କ ୮୩ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ

ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ନବରଙ୍ଗପୁରଠାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଲକ୍ଷ୍ମଣ ନାୟକ ବିଦ୍ୟାପୀଠ ପରିସରରେ ଥିବା ସହିଦ୍‌ଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

***Desk***

# ମ୍ୟାଁମାର – ଆର୍ଥଓ୍ୱେକ

ମ୍ୟାଁମାରରେ ଗତକାଲି ହୋଇଥିବା ଭୂମିକମ୍ପରେ ମୃତ୍ୟୁସଂଖ୍ୟା ୬୯୪କୁ ବୃଦ୍ଧି ପାଇଛି । ରିକ୍ଟରସ୍କେଲରେ ଭୂକମ୍ପର ତୀବ୍ରତା ୭ ଦଶମିକ ୭ ଥିବା ଜଣାପଡିଛି । ମ୍ୟାଁମାରର ଏକ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟ ଜାରି ରହିଛି । ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମରେ ଉଭୟ ଦେଶର ନାଗରିକଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରିଛନ୍ତି । ଭାରତ ସମସ୍ତ ପ୍ରକାର ସମ୍ଭାବ୍ୟ ସାହାଯ୍ୟ ପ୍ରଦାନ କରିବାକୁ ପ୍ରସ୍ତୁତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି ପରିସ୍ଥିତି ଉପରେ ଭାରତ ସରକାର ନଜର ରଖିଛନ୍ତି । ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ଦୂତାବାସ ପକ୍ଷରୁ ନିରନ୍ତର ଯୋଗାଯୋଗ ରକ୍ଷା କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏଥିପାଇଁ ଏକ ଜରୁରୀକାଳୀନ ଯୋଗାଯୋଗ ନମ୍ବର ମଧ୍ୟ ଜାରି କରାଯାଇଛି । ଅନ୍ୟପକ୍ଷରେ ଭାରତ' ମ୍ୟାଁମାରକୁ ୧୫ ଟନ୍ ରିଲିଫ ସାମଗ୍ରୀ ପଠାଇଛି ।  ଏଥିରେ ଅସ୍ଥାୟୀ ବାସଗୃହ, କମ୍ବଳ, ରନ୍ଧାଖାଦ୍ୟ, ଜେନେରେଟର ସେଟ୍, ଔଷଧ ଏବଂ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଉପକରଣ ଆଦି ରହିଛି ।

***Puri***

## ପାଲିଆ ସେବକ

ଚଳିତ ବର୍ଷ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ  ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ପାଲିଆ ସେବକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଆସନ୍ତା ମାସ ୪ ଓ ୫ ତାରିଖ ଦୁଇଦିନ ଧରି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ନୀଳାଦ୍ରୀ ଭକ୍ତ ନିବାସ ପରିସରରେ ଏହି ପ୍ରଶିକ୍ଷଣ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ବରିଷ୍ଠ ଅଧିକାରୀଙ୍କ ସହ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ, ମହାପ୍ରଭୁଙ୍କ ନୀତିକାନ୍ତି ଉପରେ ଅଭିଜ୍ଞ ଓ ବରିଷ୍ଠ ସେବାୟତମାନେ ଏଥିରେ ଯୋଗଦେଇ ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି। ମହାପ୍ରଭୁଙ୍କ ଦୈନନ୍ଦୀନ ସେବାରେ ନିୟୋଜିତ ସେବାୟତମାନେ ଏହି ପ୍ରଶିକ୍ଷଣ ନେବେ।

*HS*

## ସରୀସୃପ ଜବତ

ଭୁବନେଶ୍ୱର ବିମାନବନ୍ଦରରୁ ସରୀସୃପ ଚାଲାଣ ହେଉଥିବା ବେଳେ କଷ୍ଟମ ବିଭାଗ ଜବତ କରିଛି । ବ୍ୟାଙ୍କକରୁ ଚେନ୍ନାଇ ଭାୟା ଭୁବନେଶ୍ୱର ଦେଇ ଚାଲାଣ କରାଯାଉଥିଲା । ବିସ୍କୁଟ ଡ଼ବାରେ ୯ ଟି ସାପ ସହ କଇଁଛ, ଗୋଧି ଓ ଏଣ୍ଡୁଅ ଆଦି ଜୀବଜନ୍ତୁ ଚାଲାଣ ହେଉଥିବା ବେଳେ କଷ୍ଟମ ବିଭାଗ ଉଦ୍ଧାର କରାଯାଇଛି । ଚେନ୍ନାଇର ଜଣେ ଯୁବକକୁ ଅଟକ ରଖି ପଚରା ଉଚରା କରାଯିବା ସହ ବନବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି । ଏ ସମ୍ପର୍କରେ ଅଧିକ ସୂଚନା ଦେଉଛନ୍ତି ଭୁବନେଶ୍ୱର ବିମାନବନ୍ଦର ସହାୟକ କମିଶନର ରଞ୍ଜିତ କୁମାର ମହାନ୍ତି

**- V/O -**

***Ganjam***

## ଇଟ୍ ରାଇଟ୍ କ୍ୟାମ୍ପସ୍

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ– ଏଫ୍.ଏସ୍.ଏସ୍.ଏ.ଆଇ ପକ୍ଷରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମଣ୍ଡଳ କାରାଗାରକୁ 'ଇଟ୍ ରାଇଟ୍' କ୍ୟାମ୍ପସ୍ ମାନ୍ୟତା ପ୍ରଦାନ କରାଯାଇଛି । ଦେଶର ୧୦୦୦ଟି କାରାଗାର ମଧ୍ୟରୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ଏହି ମାନ୍ୟତା ମିଳିଛି । ଏଫ୍.ଏସ୍.ଏସ୍.ଏ.ଆଇ ଦ୍ୱାରା

'ଇଟ୍ ରାଇଟ' କ୍ୟାମ୍ପସ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି କାର୍ଯ୍ୟସ୍ଥଳୀ, ଶିକ୍ଷାନୁଷ୍ଠାନ ଏବଂ ଡାକ୍ତରଖାନା ସମେତ ବିଭିନ୍ନ ଆନୁଷ୍ଠାନରେ ଖାଦ୍ୟ ସୁରକ୍ଷା ଏବଂ କଲ୍ୟାଣମୂଳକ ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ବ୍ରହ୍ମପୁର ମଣ୍ଡଳ କାରଗାର ଏହି ମୂଲ୍ୟାଙ୍କନ ମାନଦଣ୍ଡ ପାଳନ କରିବାରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛି।

***Desk***

## ସୂର୍ଯ୍ୟପରାଗ

ଚଳିତ ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟପରାଗ ଆଜି ଦୃଶ୍ୟମାନ ହେଉଛି। ଭାରତୀୟ ସମୟ ଦିନ ୨ଟା ୨୦ ମିନିଟ୍‌ରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ୧୭ ମିନିଟ୍‌ରେ ସର୍ବାଧିକ ପରାଗ ୯୦ ପ୍ରତିଶତ ହେବ। ସେହିପରି ଅପରାହ୍ନ ୪ଟା ୧୪ ମିନିଟ୍‌ରେ ପରାଗ ଶେଷ ହେବ। ଏହା ଉତ୍ତର ଆମେରିକା, ଗ୍ରୀନଲାଣ୍ଡ, ଆଇସ୍‌ଲାଣ୍ଡ, ଉତ୍ତର ଆଣ୍ଟଲାଟିକ୍ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷ୍‌ରେ ଦୃଶ୍ୟମାନ ହେଉଛି। ତେବେ ଏହି ସୂର୍ଯ୍ୟପରାଗ ଭାରତ ଏବଂ ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ।

***Ganjam***

## ପ୍ରଶିକ୍ଷଣ ଶିବିର

ସୁସ୍ଥ ପଞ୍ଚାୟତ ଗଠନରେ ସାମାଜିକ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଗଞ୍ଜାମ ଜିଲ୍ଲାର ବେଗୁନିଆପଡ଼ା ବ୍ଲକଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ପଞ୍ଚାୟତସ୍ତରରେ ହ୍ୱାଟ୍‌ସଅପ୍ ଗ୍ରୁପ ଗଠନ,

ପଞ୍ଚାୟତସ୍ତରରେ ଅନଲାଇନ୍ ଅଭିଯୋଗ ସମାଧାନ କେନ୍ଦ୍ର ଗଠନ, କମ୍ୟୁନିଟି ରେଡିଓର ପ୍ରଚଳନ, ସରକାରଙ୍କ ଦ୍ୱାରା ଦିଆଯାଉଥିବା ସଚେତନତା ବାର୍ତ୍ତାର ପ୍ରସାର ଆଦି ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପ୍ରଶିକ୍ଷଣ ଶିବିରରେ ତାଲିମ ପ୍ରଦାନ କରାଯାଇଛି ।

***Kandhamal***

## ଜମିପଟ୍ଟା ବଣ୍ଟନ

କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ତହସିଲ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଏବଂ ଗୋଷ୍ଠୀଗତ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି । ନୂଆଗାଁ ପଞ୍ଚାୟତର ବାଲୀସୁଗ୍ରୀବଗୁଡ଼ା ଏବଂ ଦଳପଡ଼ା ପଞ୍ଚାୟତର ଡାଞ୍ଜୁ ଗାଁର ୬୩ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ତହସିଲଦାର ଜମିପଟ୍ଟା ପ୍ରଦାନ କରିଛନ୍ତି ।

***HS***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଛି । ଆଜି ଓ ଆସନ୍ତାକାଲି ହିଟ୍ ୱେଭ୍ ଓ ଗୁଳୁଗୁଳି ନେଇ ୧୭ଟି ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।  ଆସନ୍ତା ୨୪ ଘଣ୍ଟା ପାଇଁ ଢେଙ୍କାନାଳ, ଅନୁଗୁଳ, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗିର, କଳାହାଣ୍ଡି ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି ।

ଆସନ୍ତା ୨ ଦିନ ମଧ୍ୟରେ ରାଜ୍ୟ ଜିଲ୍ଲା ଗୁଡିକରେ ସର୍ବାଧିକ ଦିନ ତାପମାତ୍ରା ୨ରୁ ୩ ଡ଼ିଗ୍ରୀ ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୫ ଦିନ ମଧ୍ୟରେ ସର୍ବନିମ୍ନ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ।